The Pioneer 4.5.2017

# ୨୬ରୁ ୧୮କୁ ଉଠିଲା ଆଇଆଇଟି ଭୁବନେଶ୍ୱର

## ନୂଆ ଆଇଆଇଟି ମଧ୍ୟରେ ତୃତୀୟ

ଭୁବନେଶ୍ୱର,୩।୪(ବ୍ୟୁରୋ): କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରାଳୟ ଏନ୍‌ଆଇଆର୍‌ଏଫ୍ (ନ୍ୟାସନାଲ୍ ଇନଷ୍ଟିଚ୍ୟୁସନାଲ୍ ର୍‌ୟାଙ୍କିଂ ଫ୍ରେମ୍‌ୱାର୍କ) ତାଲିକା ୨୦୧୫ ସେପ୍ଟେମ୍ବରରୁ ଆରମ୍ଭ ହୋଇଛି । ଯାହା ମନ୍ତ୍ରଣାଳୟର କୋର୍ କମିଟି ଶିକ୍ଷାନୁଷ୍ଠାନର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ନିର୍ଦ୍ଧାରଣ କରିଥାଏ । ଏହି ଅନୁସାରେ ଭୁବନେଶ୍ୱର ଆଇଆଇଟି ଚଳିତ ବର୍ଷ ୧୮ତମ ସ୍ଥାନକୁ ଉଠିପାରିଛି । ଗତବର୍ଷ ଭୁବନେଶ୍ୱର ଆଇଆଇଟି ଏନ୍‌ଆଇଆର୍‌ଏଫ୍ ତାଲିକାରେ ୨୬ନଂ ସ୍ଥାନରେ ରହିଥିଲା । ଏହି ତାଲିକା ପ୍ରକାଶିତ ହେବା ପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର କହିଛନ୍ତି, ୨୦୦୮ରେ ଆରମ୍ଭ ହୋଇଥିବା ଆଇଆଇଟିଗୁଡିକ ମଧ୍ୟରୁ ଭୁବନେଶ୍ୱର ଆଇଆଇଟି ତୃତୀୟ ସ୍ଥାନରେ ରହିଛି । ଏହି ର୍‌ୟାଙ୍କିଂ ଗତ ୩ ବର୍ଷର ତଥ୍ୟକୁ ଆଧାର କରି ପ୍ରସ୍ତୁତ କରାଯାଏ । ପ୍ରଫେସର ରାଜକୁମାର ୨୦୧୫ରେ ଭୁବନେଶ୍ୱର ଆଇଆଇଟିରେ ଯୋଗଦେବା ପରେ ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ରେ ପାଠପଢା ଆରମ୍ଭ କରିବା ସହିତ ଗବେଷଣା କ୍ଷେତ୍ରରେ ମଧ୍ୟ ନୂଆ ପଦକ୍ଷେପ ନେଇଥିଲେ । ଚଳିତ ଶିକ୍ଷାବର୍ଷର ତଥ୍ୟ ଅନୁସାରେ ଭୁବନେଶ୍ୱର ଆଇଆଇଟି ନୂଆ ଆଇଆଇଟିଗୁଡିକ ମଧ୍ୟରୁ ଦ୍ୱିତୀୟ ସ୍ଥାନ ହାସଲ କରିପାରିଛି ।